**ମେସର୍ସ ଫାରଉଡ୍ ଇଣ୍ଡଷ୍ଟ୍ରିଜ୍ (ପି) ଲିମିଟେଡ଼**

**ବନାମ**

**କେନ୍ଦ୍ରୀୟ ଉତ୍ପାଦ ଆୟୁକ୍ତ, ଚେନ୍ନାଇ**

*ଜାନୁଆରୀ 17,2007*

[ ଡକ୍ଟର ଏ. ଆର୍. ଲକ୍ଷ୍ମଣନ୍  ଏବଂ ଭି. ଏସ୍. ସିରପୁରକର୍, ନ୍ୟାୟମୂର୍ତ୍ତିବୃନ୍ଦ]

*କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଅଧିନିୟମ, 1985:*

*ଗୃହରେ ଲଗାଇବା ପଦାର୍ଥ ସମୂହ ଏବଂ ଆସବାବ -  ଏହା ମଧ୍ୟରେ ପାର୍ଥକ୍ୟ - ଆଦାୟ ଯୋଗ୍ୟ - ନିର୍ଣ୍ଣୟ ନିଆଗଲା ମେସର୍ସ କ୍ରାଫ୍ଟ ଇଣ୍ଡଷ୍ଟ୍ରିଜ୍ ମାମଲାରେ ରାୟକୁ ଦୃଷ୍ଟିରେ ରଖି ଆକଳନ ଅଧିକାରୀଙ୍କ ଦ୍ଵାରା ପାରିତ ହୋଇଥିବା ଆଦେଶ ଏବଂ ଯାହା କେନ୍ଦ୍ରୀୟ ଉତ୍ପାଦ ଆୟୁକ୍ତଙ୍କ ଦ୍ଵାରା ସୁନିଶ୍ଚିତ ,  ତାହା ଏଠାରେ ପୁନର୍ବିଚାର ଆବଶ୍ୟକ କରେ - ଆଇନ ଅନୁଯାୟୀ ନୂତନ ସମାଧାନ ପାଇଁ ପ୍ରସଙ୍ଗଟି କେନ୍ଦ୍ରୀୟ ଉତ୍ପାଦ ଆୟୁକ୍ତଙ୍କ ପାଖକୁ ଫେରାଇ ଦିଆଗଲା ।*

** ମେସର୍ସ କ୍ରାଫ୍ଟ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ଼ ବନାମ କେନ୍ଦ୍ରୀୟ ଉତ୍ପାଦ ଆୟୁକ୍ତ ବାଙ୍ଗାଲୋର ଏବଂ ଅନ୍ୟଜଣେ [2006] 11 SCALE 78 ମାମଲା ଉପରେ ନିର୍ଭର କରାଗଲା ।*

ଦେୱାନୀ ଆବେଦନ ଅଧିକାରିତା :  ଦେୱାନୀ ଆବେଦନ ସଂଖ୍ୟା  3715/2005 ।

ଆବେଦନ ସଂଖ୍ୟା E/3191/1998 ରେ ସୀମା ଶୁଳ୍କ, ଉତ୍ପାଦ ଶୁଳ୍କ ଏବଂ ସେବା ଟିକସ ଅପିଲ ନ୍ୟାୟାଧିକରଣଙ୍କର ଚେନ୍ନାଇ ସ୍ଥିତ ଦକ୍ଷିଣାଞ୍ଚଳ ଖଣ୍ଡପୀଠଙ୍କର ତାରିଖ 3.3.2005 ର ଚୂଡ଼ାନ୍ତ ରାୟ ଏବଂ ଆଦେଶ ସଂଖ୍ୟା 345/2005 ରୁ ବର୍ତ୍ତମାନର ଏହି ଆବେଦନ ।

ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଅଧିବକ୍ତା ଏ. କେ. ଗାଙ୍ଗୁଲି, ନିଖିଲ ନାୟାର୍ ଏବଂ ଅମିତ ସିଂଘଲ ।

ଉତ୍ତରଦାତାଙ୍କ ତରଫରୁ ସୁଦ୍ଧା ରାଓ ଏବଂ ବି. କୃଷ୍ଣ ପ୍ରସାଦ ।

ନ୍ୟାୟାଳୟଙ୍କର ଆଦେଶ ପ୍ରଦାନ କରାଗଲା :

ଆଦେଶ

ଆବେଦନକାରୀଙ୍କ ତରଫରୁ ବିଦ୍ୱାନ ବରିଷ୍ଠ ଅଧିବକ୍ତା ଶ୍ରୀଯୁକ୍ତ ଏ. କେ. ଗାଙ୍ଗୁଲି ଏବଂ ଉତ୍ତରଦାତାଙ୍କ ତରଫରୁ ବିଦ୍ୱାନ ଅଧିବକ୍ତା ଶ୍ରୀଯୁକ୍ତ ସୁଦ୍ଧା ରାଓଙ୍କ ତର୍କକୁ ଆମ୍ଭେ ଶୁଣିଲୁ ।

ଆମେ ଆକଳନ ଅଧିକାରୀଙ୍କ ଦ୍ୱାରା ପାରିତ ଆଦେଶ ଅନୁଧ୍ୟାନ କରିଛୁ ଏବଂ ଚେନ୍ନାଇର କେନ୍ଦ୍ରୀୟ ଉତ୍ପାଦ ଆୟୁକ୍ତଙ୍କ ଦ୍ୱାରା ପାରିତ ଆଦେଶକୁ ମଧ୍ୟ ଅନୁଧ୍ୟାନ କରିଛୁ ।

ଶୁଣାଣି ସମୟରେ ଆବେଦନକାରୀଙ୍କ ତରଫରୁ ବିଦ୍ୱାନ ବରିଷ୍ଠ ଅଧିବକ୍ତା [2006] 11 SCALE 78 ରେ ଉଲ୍ଲିଖିତ ଥିବା *ମେସର୍ସ କ୍ରାଫ୍ଟ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ୍ ବନାମ କେନ୍ଦ୍ରୀୟ ଉତ୍ପାଦ ଆୟୁକ୍ତ ବାଙ୍ଗାଲୋର ଏବଂ ଅନ୍ୟଜଣେ ମାମଲା* ଏବଂ ବିଶେଷ କରି ଏହି ରାୟର ଅନୁଚ୍ଛେଦ 17 ରେ ଉପରେ ନିର୍ଭର କରିଥିଲେ । ଉପରୋକ୍ତ ରାୟକୁ ଦୃଷ୍ଟିରେ ରଖି ଆକଳନ ଅଧିକାରୀଙ୍କ ଦ୍ୱାରା ପାରିତ ହୋଇଥିବା ଆଦେଶ ଏବଂ ଯାହା କେନ୍ଦ୍ରୀୟ ଉତ୍ପାଦ ଆୟୁକ୍ତଙ୍କ ଦ୍ୱାରା ସୁନିଶ୍ଚିତ , ତାହା ଏଠାରେ ପୁନର୍ବିଚାର ଆବଶ୍ୟକ କରେ । ତେଣୁ ଆମେ, ଆଇନ ଅନୁଯାୟୀ ନୂତନ ସମାଧାନ ପାଇଁ ଚେନ୍ନାଇ-III ସ୍ଥିତ କେନ୍ଦ୍ରୀୟ ଉତ୍ପାଦ ଆୟୁକ୍ତଙ୍କ ପାଖକୁ ଏହି ମାମଲାକୁ ଫେରାଇ ଦେଲୁ । ସେହି ଅନୁଯାୟୀ ଆବେଦନକୁ ଅନୁମତି ଦିଆଗଲା ।

ଉଭୟ ପକ୍ଷ ଚେନ୍ନାଇ-III ସ୍ଥିତ କେନ୍ଦ୍ରୀୟ ଉତ୍ପାଦ ଆୟୁକ୍ତଙ୍କ ସମ୍ମୁଖରେ ଅଧିକ କିଛି ଦସ୍ତାବିଜ୍ ରଖିବା ପାଇଁ ସ୍ୱାଧୀନ ଅଟନ୍ତି ।

ଆର୍.ପି. ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***

ତୁଷାର କାନ୍ତ ଗୋଛି

ଅନୁବାଦକ

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।